# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୮ ଡିସେମ୍ବର, ୨୦୨୫

----

**[ସ୍ୱରାଷ୍ଟ୍ର - ଅର୍ଥ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ବ୍ୟାଙ୍କଦ୍ୱାରା ଋଣ ପ୍ରଦାନ

***271 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କର କେତେଗୋଟି ଶାଖା ରାଜ୍ୟର କେଉଁ ସ୍ଥାନରେ ଖୋଲାଯାଇଛି, ଏହି ବ୍ୟାଙ୍କ ମାଧ୍ୟମରେ ବିଗତ ୫ ବର୍ଷରେ କେତେ ଜମାରାଶି ସଂଗ୍ରହ ହୋଇଛି ଓ କେତେ କୃଷିଋଣ, ବ୍ୟବସାୟୀକ ଋଣ, ଶିକ୍ଷା ଋଣ, ଆତ୍ମନିଯୁକ୍ତି ଋଣ ପ୍ରଦାନ କରାଯାଇଛି ?

----

### Establishment of Govt. Dental College in Balangir

***272 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government proposes to establish a Govt. Dental College in Balangir considering that Western Odisha presently has no Govt. Dental College, (b) Whether land identification and DPR preparation for the proposed Govt. Dental College have been initiated, will the Government commit to starting the Dental College in Financial Year, 2025 2026 and whether the Govt. has

assessed the regional Dental OPD load to justify immediate sanction?

----

## ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

***273 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବ୍ଲକ, ତହସିଲ, ଜିଲ୍ଲା, ବିଭାଗୀୟ ମୁଖ୍ୟ ଦପ୍ତର ଓ ପ୍ରଶାସନିକ ବିଭାଗମାନଙ୍କରେ ସର୍ବସାଧାରଣ ଓ ସରକାରୀ କର୍ମଚାରୀମାନଙ୍କର ଅଭିଯୋଗ ଶୁଣାଣି ପାଇଁ କଣ ସବୁ ବ୍ୟବସ୍ଥା ରହିଛି ; ଅଭିଯୋଗ କରାଯିବାର କେତେଦିନ ପରେ ଏହାର ଫୈସଲା କରି ଅଭିଯୋଗକାରୀଙ୍କୁ ଜଣାଇବା କଥା ଏବଂ ଯେଉଁ କ୍ଷେତ୍ରରେ ଏହାର ଉଲ୍ଲଘଂନ ହେଉଛି ସେ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି?

----

## କଣ୍ଟିଲୋଠାରେ ପୋଲିସ out post ଓ ଅଗ୍ନିଶମ ସେବା କେନ୍ଦ୍ର ସ୍ଥାପନ

***274 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର କଣ୍ଟିଲୋ ସ୍ଥିତ ଶ୍ରୀ ନୀଳ ମାଧବଙ୍କ ମନ୍ଦିର ଠାରେ ପର୍ଯ୍ୟଟନ ସ୍ଥଳ ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ପୋଲିସ ଆଉଟ ପୋଷ୍ଟ ଓ ଅଗ୍ନିଶମ ସେବା କେନ୍ଦ୍ର ଖୋଲିବା ପାଇଁ ପଦକ୍ଷେପ ନିଆଯିବ କି; ଯଦି ହଁ, ତେବେ କେବେ ସୁଦ୍ଧା ଏହାର ପଦକ୍ଷେପ ଗ୍ରହଣ କରାଯିବ ?

----

## ମୋବାଇଲ ନେଟୱାର୍କ ନଥିବା ସ୍ଥାନରେ Tower ନିର୍ମାଣ

***275 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନିଗୋଟି ବ୍ଲକ ମଧ୍ୟରୁ ବାଂଶପାଳ ଓ ତେଲୋକୋଇ ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ମୋବାଇଲ ନେଟ ୱାର୍କ ନଥିଥବା କାରଣରୁ ଉକ୍ତ ଅଞ୍ଚଳର ସାଧାରଣ ଜନତା ଓ ଛାତ୍ର/ଛାତ୍ରୀ ଏବଂ ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ମୋବାଇଲ ନେଟ ୱାର୍କ ନଥିବା ଯୋଗୁଁ କେଉଁ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟରେ ଅବଗତ ଅଛନ୍ତି କି ?

----

## ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଜମାରାଶି

***276 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନିବର୍ଷରେ ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ କେତେ ଜମାରାଶି ସଂଗ୍ରହ ହୋଇଛି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଅଧିକ ଜମାରାଶି ସଂଗ୍ରହ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖାଲିଥିବା NM ଓ Pharmacist ପଦବୀ ପୂରଣ

***277 ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ କେତେ ଜଣ ଚିକିତ୍ସକ ରହିବା ଆବଶ୍ୟକତା ରହିଛି, 5 ବର୍ଷ ମଧ୍ୟରେ ବର୍ଷକୁ ବର୍ଷ କେତେଜଣ ଚିକିତ୍ସକଙ୍କ ଦ୍ୱାରା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି ଏବଂ ସହଯୋଗୀ ସ୍ୱାସ୍ଥ୍ୟସେବକ ତଥା NM, Pharmacist, Nurse ଖାଲିଥିବା ପଦବୀ କେତେ ଦିନ ମଧ୍ୟରେ ପୂରଣ କରାଯିବ ?

----

## ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଦ୍ୱାରା ଅଭିଯୋଗ ଶୁଣାଣୀ

***278 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜନସାଧାରଣ ସେମାନଙ୍କ ଅଭିଯୋଗଗୁଡିକ ନିଜ ନିଜ ଜିଲ୍ଲାରେ କରି ପ୍ରଶାସନଠାରୁ ନ୍ୟାୟ ପାଇପାରିବେ କି, ଯେଉଁ ଅଭିଯୋଗ ଗୁଡିକ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲା ପରେ ମଧ୍ୟ ସମାଧାନ ହୋଇନାହିଁ ସରକାର ସେ ଲୋକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିକଳ୍ପ ରାସ୍ତା କିଛି ରଖିଛନ୍ତି କି, ଯେଉଁ ଅଭିଯୋଗଗୁଡିକ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସମାଧାନ ହୋଇଯାଉଛି ତାର ସଂଖ୍ୟା କେତେ ଓ ଆଜିପର୍ଯ୍ୟନ୍ତ କେତେ ଅଭିଯୋଗ ସମାଧାନ ହୋଇଛି ?

----

## ନୂତନ ଫାଣ୍ଡି ନିର୍ମାଣ

***279 ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବେତନଟୀ ବ୍ଲକରେ କଳମା ଏବଂ ଅଁଳା ହରିପୁରଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଆଜକୁ ୬ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ତାହା ନ ହୋଇ ପାରିବାର କାରଣ କଣ; ଦୁଇଟିଯାକ ସୀମାନ୍ତଜିଲ୍ଲା ବାଲେଶ୍ୱର ଏବଂ ପଶ୍ଚିମବଙ୍ଗକୁ ଲାଗି ଥିବାରୁ ଅସାମାଜିକ କାର୍ଯ୍ୟ ଚୋରି ଡ଼କାୟତି, ରାହାଜାନି, ଚୋରାବାଲି ଚାଲାଣ ମାଦକ ଦ୍ରବ୍ୟ ଇତ୍ୟାଦି ବହୁଳ ମାତ୍ରାରେ ବଢ଼ିଯାଉ ଥିବାରୁ ଏକ ଫାଣ୍ଡି ସ୍ଥାପନ କରିବେ କି ?

----

## Status of operational IT Parks

***280 Smt. Sofia Firdous (Barabati-Cuttack):**

Will the Minister for **Electronics & Information Technology** be pleased to state that:- (a) The current number and status of operational IT Parks in Odisha along with districts where new IT Parks are proposed; (b) Whether the Government has any proposal to establish an IT Park or IT/ITES Hub in Cuttack, considering its strategic location and availability of skilled workforce; If no proposal exists, the reasons for excluding Cuttack from recent IT infrastructure plans; and whether the Government intends to conduct a

feasibility study for setting up an IT Park in Cuttack.

----

## ବିଭିନ୍ନ ବିଭାଗକୁ ଅର୍ଥ ମିଳିବା

*281 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ୨୦୨୪-୨୫ ବର୍ଷ ବଜେଟରେ କେଉଁ ବିଭାଗ ପାଇଁ କେତେ ଅର୍ଥ ବଜେଟ୍ ଅନୁଦାନ ହୋଇଥିଲା ଓ ସମ୍ପୃକ୍ତ ବିଭାଗ କେତେ ବ୍ୟୟ କରିଥିଲେ, ତାର ତାଲିକା ଦେବେ କି ; (ଖ) ୨୦୨୫-୨୬ ଚଳିତ ବର୍ଷ ବଜେଟରେ କେଉଁ ବିଭାଗକୁ କେତେ ଅର୍ଥ ଦିଆଯାଇଛି ଏବଂ ଏ ପର୍ଯ୍ୟନ୍ତ କେତେ ଖର୍ଚ୍ଚ କରିଛନ୍ତି ?

----

## ମିତ୍ରପୁର ହସ୍ପିଟାଲକୁ ସରକାରୀକରଣ

*282 **Shri Santosh Khatua (Nilgiri):**

Will the Minister for **Health and Family Welfare** be pleased to state that:- ମିତ୍ରପୁର ହସ୍ପିଟାଲକୁ ସରକାରୀକରଣ ପାଇଁ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ରହିଛି କି, ଯଦି ରହିଛି, ତେବେ କେବେସୁଦ୍ଧା ଏହା ସରକାରୀକରଣ ପାଇଁ ନିଷ୍ପତ୍ତି ନିଆଯିବ ?

----

## ନୂତନ ଫାଣ୍ଡି ପ୍ରତିଷ୍ଠା

*283 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଥାନା ଯଥା ବାଲିକୁଦା, ଏରସମା ଓ କୁଜଙ୍ଗ ଅଞ୍ଚଳରେ ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ଅତି ସମ୍ବେଦନଶୀଳ ହୋଇଥିବାରୁ ଉକ୍ତ ଜିଲ୍ଲାର ଗୋଡା, ବାଲିତୁଠ ଏବଂ ବନତା କୋଠି ଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ହେବାର ପ୍ରସ୍ତାବ ଅଛି କି ; ଯଦି ଉତ୍ତର ହଁ ହୁଏ, ତେବେ ଏହା କେବେଠାରୁ କାର୍ଯ୍ୟକ୍ଷମ ହେବ?

----

## ନୂତନ mobile tower ସ୍ଥାପନ

*284 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଟାଙ୍ଗୀ ନିର୍ବାଚନ ମଣ୍ଡଳୀର ସେମିଳିଗୁଡ଼ା, ନନ୍ଦପୁର, ପଟାଙ୍ଗୀ ଅଞ୍ଚଳର ବିଭିନ୍ନ ଗ୍ରାମରେ ଆଜି ପର୍ଯ୍ୟନ୍ତ ମୋବାଇଲ ଟାୱାର ନାହିଁ ଫଳରେ ମୋବାଇଲ, ଇଣ୍ଟରନେଟ ସୁବିଧା ଜନସାଧାରଣଙ୍କୁ ମିଳୁନାହିଁ; ଛାତ୍ରଛାତ୍ରୀମାନେ ଅନଲାଇନ ପାଠ ପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି; ସରକାର ଏ ଦିଗରେ ବିଶେଷ ଧ୍ୟାନ ଦେଇ ଟାୱାର ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବେ କି; ଯଦି ହଁ ତେବେ କେବେସୁଦ୍ଧା ହେବ ?

----

## Debt to GDP ratio rising rapidly

***285 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) House hold Debt of our State as compared to our State GDP today, whether debt to GDP ratio is rising rapidly in last 3 years in our State, if so the reasons therefor ; (b) Whether credit card spending has increased in last 3 years in our State and what is the number of credit cards in use in our State today ?

----

## ଭଦ୍ରକରେ City Hospital ପ୍ରତିଷ୍ଠା

***286 Shri Sitansu Sekhar Mohapatra (Bhadrak):**

Will the Minister for **Health and Family Welfare** be pleased to state that:- ଭଦ୍ରକରେ City Hospital ର ଆବଶ୍ୟକତା ରହିଛି ; ଭଦ୍ରକର ପୁରୁଣା ସରକାରୀ Hospital Building ରେ Satellite Hospital Centre ଖୋଲିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଅର୍ଥ ବିଭାଗ ମଧ୍ୟ ଅନୁମୋଦନ କରିଥିଲେ ; ଏହାର ବର୍ତ୍ତମାନର ସ୍ଥିତି କଣ ରହିଛି ଏବଂ କେବେ ସୁଦ୍ଧା କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି?

----

## ଟ୍ରାଫିକ ସମସ୍ୟାର ସମାଧାନ

***287 Shri Ashok Kumar Das (Basudevpur):**

Will the **Chief Minister** be pleased to state that:- ଭଦ୍ରକ ସହରର ମୂଖ୍ୟ ଛକ ମାନଙ୍କର ଟ୍ରାଫିକ ସମସ୍ୟା ବହୁଳ ଭାବେ ଦେଖାଯାଉଛି, ବାମ ଦିଗକୁ ଯିବାକୁ ଥିବା ଯାତ୍ରୀଙ୍କୁ ତାଙ୍କ ଗନ୍ତବ୍ୟ ସ୍ଥଳକୁ ଯିବାରେ କୌଣସି ବାଧା ରହିବା କଥା ନୁହେଁ, କିନ୍ତୁ ଟ୍ରାଫିକ ନିୟମକୁ ନମାନି ଛକର ବାମ ପାର୍ଶ୍ୱରେ ମଧ୍ୟ ଅନେକ ଗାଡି ମୋଟର ରାସ୍ତା ଅବରୋଧ କରୁଥିବାରୁ ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଅଟକିଯାଇଥିବାର ଦେଖିବାକୁ ମିଳୁଛି, ଏଣୁ ସୁଚାରୁ ରୂପେ ଟ୍ରାଫିକ ନିୟନ୍ତ୍ରଣ କରିବା ନିମନ୍ତେ ସହର ମାନଙ୍କ ପ୍ରତ୍ୟେକ ଛକ ଗୁଡିକରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରି ବାମ ଦିଗ ପଟେ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ଗମନାଗମନକୁ ସୁଗମ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ନୂତନ Mobile Tower ବସାଇବା

***288 Miss Sanjali Murmu (Bangriposi):**

Will the Minister for **Electronics & Information Technology** be pleased to state

that:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କୁଳିଅଣା ବ୍ଲକ ଅଧିନସ୍ଥ ଶ୍ରୀଚନ୍ଦନପୁର, ଦୁଧକୁଣ୍ଡି, କଖାରୁଶୋଲ, ଜଗନ୍ନାଥପୁର ଗ୍ରାମଗୁଡିକ ଏବଂ ବାଙ୍ଗିରିପୋଷି ବ୍ଲକ ଅଧିନସ୍ଥ ବ୍ରାହ୍ମଣଗାଁ ଓ ଚାକୀଡୀ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଥିବା ଗ୍ରାମଗୁଡିକ ପାହାଡ ଓ ଜଙ୍ଗଲ ଘେରାଥିବାରୁ ନେଟୱାର୍କ ସେବା କାମ କରୁନଥିବା କଥା ସରକାର ଜାଣନ୍ତି କି, ଏହି ଅଞ୍ଚଳରେ ମୋବାଇଲ ଥାଇ ମଧ୍ୟ Tower ନଥିବାରୁ ନେଟୱାର୍କ ନପାଇବାରୁ ଲୋକମାନେ ଜରୁରୀ ସମୟରେ ଅସୁବିଧା ହେଉଛନ୍ତି, ଏହି ଅଞ୍ଚଳରେ Tower ବସାଇବା ପାଇଁ ପଦକ୍ଷେପ ନେବେ କି?

----

## ରାଉରକେଲା ସହର ପାଇଁ ଅର୍ଥ ବିନିଯୋଗ

***289 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ବର୍ତ୍ତମାନ ବଜେଟ୍ ଓ ରାଉରକେଲା ନଗରର ଲୋକାଲ୍ ବଡି ଫାଇନାନ୍ସ ମଧ୍ୟରେ ବିରୋଧାଭାସ ଦୃଷ୍ଟିରୁ, ରାଉରକେଲା ପାଇଁ ହାକିକତରେ କେତେ ଅର୍ଥ ବିନିଯୋଗ ହେଉଛି ତାହା ସରକାର ସ୍ପଷ୍ଟ କରିବେ କି"; (a) "୨୦୨ ୪-୨୫ ଓଡ଼ିଶା ରାଜ୍ୟ ବଜେଟ ଏନାଲିସିସ୍ ଅନୁଯାୟୀ, ସୋସିଆଲ୍ ୱେଲଫେର୍ ଓ ବୋଷଣର ଖର୍ଚ୍ଚ ପାଇଁ ଦ୍ୱିଗୁଣ ଅଧିକ ବଢ଼ି Rs.28,144 କୋଟି ହୋଇଛି, ଏବଂ ଜଳାପୁରି, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ପାଇଁ ବ୍ୟୟ ହ୍ରାସ-ବୃଦ୍ଧି ହୋଇଛି; ଏହି ଖାତାରୁ ଜାରି ହୋଇଥିବା ଅର୍ଥରୁ ୨୦୨୪-୨୫ ମସିହାରେ ରାଉରକେଲାର ପ୍ରକଳ୍ପମାନଙ୍କୁ (ସ୍ୱାସ୍ଥ୍ୟ, ରାସ୍ତା, ସ୍ମାର୍ଟ ସିଟି) କେତେ ରାଶି ବଣ୍ଟାଯାଇଛି, ବିଭାଗ ଓ ପ୍ରକଳ୍ପଭିତିକ ତାଲିକା ଦେବେ କି; "ରାଉରକେଲା ମ୍ୟୁନିସିପାଲ୍ କର୍ପୋରେଶନର ୨୦୨୪-୨୫ ଅର୍ଥବର୍ଷ ପାଇଁ ପ୍ରକାଶିତ ବଜେଟ୍ ଦଲିଲ ଅନୁଯାୟୀ, ପ୍ରାୟ Rs.୯0.27 କୋଟି ରେଭେନ୍ୟୁ ରିସିପ୍ଟ ଓ ଅଧିକର ଅର୍ଥ ଜମା ଥିବା ସତ୍ତ୍ୱେ କ୍ୟାପିଟାଲ୍ ବ୍ୟୟ ରୂପେ ଅନେକ ଶହର ଢାଞ୍ଚା ପ୍ରକଳ୍ପ ଶୁଣ୍ୟ କିମ୍ବା ବହୁତ କମ ଆବଣ୍ଟିତ ହୋଇଛି; ରାଉରକେଲା ନାଗରିକଙ୍କ ପାଇଁ ତାହାର ଯଥାର୍ଥ ଲାଭ ଭିତିକ ବିବରଣୀ ଦେବେ କି, " ୨୦୨୪-୨୫ ମସିହାରେ ରେଲୱେ ବଜେଟ୍ ଅଧୀନରେ ଓଡ଼ିଶା ପାଇଁ ମୋଟ Rs.10,586 କୋଟି ଅନୁମୋଦିତ ହୋଇଥିବା ସତ୍ତ୍ୱେ ରାଉରକେଲା, ରାଉରକେଲା-ଝାରସୁଗୁଡ଼ା କରିଡର୍, ଏବଂ ରାଉରକେଲା ଯାଏଁ ସମ୍ପର୍କିତ ବିଗ୍ରହ ଧାରା ଲାଇନ୍ ପାଇଁ ବିଶେଷ ଆବଣ୍ଟନ କେତେ ରହିଛି, ସେଥିର ବିବରଣୀ ଦେବେ କି ?

----

## କେନ୍ଦୁଝର ଜିଲ୍ଲାର ମେଡ଼ିକାଲ collegeରେ ଖୋଲିଥିବା ବିଭାଗ

***290 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାର ମେଡ଼ିକାଲ କଲେଜ (Medical College)ରେ କେତୋଟି ବିଭାଗ ଖୋଲା ଯାଇଛି ସେଥିରେ କେତେ ଜଣ ଡ଼ାକ୍ତର ଅବସ୍ଥାପିତ ହେଲେଣି ଏବଂ ସେହି ଆକାରରେ କେତେ ଜଣ ଛାତ୍ର/ଛାତ୍ରୀ ମେଡ଼ିକାଲ କଲେଜ (Medical College)ରେ କେଉଁ ବର୍ଷଠାରୁ ଅଧ୍ୟୟନ କରୁଛନ୍ତି ଏବଂ ସେମାନଙ୍କ ପାଇଁ ଛାତ୍ରାବାସ ନିର୍ମାଣ ହୋଇଅଛି କି, ଯଦି ହୋଇଅଛି ସେଥିରେ କେତେ ଛାତ୍ର/ଛାତ୍ରୀ ରହୁଛନ୍ତି; (ଖ) ଉକ୍ତ ମେଡ଼ିକାଲ କଲେଜ (Medical College)ରେ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଖୋଲା ଯାଇପାରିନାହିଁ, ଖୋଲା ଯାଇଥିବା ବିଭାଗରେ ଡ଼ାକ୍ତର ନଥିବା ସତ୍ୟକି, ଯଦି ସତ୍ୟ ଅଟେ, ତାହାର ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ରାଜ୍ୟରେ ନୂତନ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ପ୍ରସ୍ତାବ

***291 Shri Akhila Chandra Naik (Patna):**

Will the **Chief Minister** be pleased to state that:- ରାଜ୍ୟରେ କେତୋଟି ଦମକଳ କେନ୍ଦ୍ର ଅଛି ଓ ଏଗୁଡ଼ିକ କେଉଁ ସ୍ଥାନରେ ଅଛି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଦମକଳ କେନ୍ଦ୍ରରେ ସରକାରୀ ସ୍ୱୀକୃତି ପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା କେତେ ଓ ସେଥିରୁ କେତେ ପଦବୀ ଖାଲି ପଡ଼ିଛି ତାର ଜିଲ୍ଲାୱାରୀ ତଥ୍ୟ ରଖିବେ କି; ରାଜ୍ୟରେ ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ବିଭାଗ ନିକଟରେ ପ୍ରସ୍ତାବ ଅଛି କି; ଯଦି ହଁ, ତେବେ କେଉଁ ସ୍ଥାନରେ ଓ କେବେସୁଦ୍ଧା ପ୍ରତିଷ୍ଠା ହେବ ?

----

## ଆଇ.ଟି ପାଠ୍ୟକ୍ରମ ପରେ ନିଯୁକ୍ତି ଦେବା

***292 Shri Nilamadhab Hikaka (Bissam-cuttack):**

Will the Minister for **Electronics & Information Technology** be pleased to state that:- ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଦଶମ ଶ୍ରେଣୀରୁ ଆଇ.ଟି ପାଠ୍ୟକ୍ରମ ରହିଅଛି ଓ କିନ୍ତୁ ଉକ୍ତ ପାଠ୍ୟକ୍ରମ ସାରିବା ପରେ ଛାତ୍ରଛାତ୍ରୀମାନଙ୍କୁ ସରକାରୀ ଦପ୍ତରରେ ନିୟମିତ କର୍ମଚାରୀ ଭାବରେ ନିଯୁକ୍ତି ନଦେଇ ଆଉଟସୋର୍ସିଙ୍ଗ କଂପାନୀ ମାଧ୍ୟମରେ ନିଯୁକ୍ତି ହେଉଅଛି ଓଏହି ପ୍ରକ୍ରିୟାକୁ ବନ୍ଦ କରି ସରକାର ସିଧାସଳଖ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତି ଦେବାର ବ୍ୟବସ୍ଥା କରିବେକି?

----

## 2025 -26 ଆର୍ଥିକ ବର୍ଷ ପାଇଁ ବ୍ୟୟ ବରାଦ

***293 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୫ -୨୬ ଆର୍ଥିକ ବର୍ଷ ଅନୁମୋଦିତ ବଜେଟ ଅର୍ଥ ପ୍ରତ୍ୟେକ ବିଭାଗ ପାଇଁ କେତେ ବ୍ୟୟ ବରାଦ ହୋଇଥିଲା, ଏଥିରୁ ଏ ପର୍ଯ୍ୟନ୍ତ କେତେ ବିନିଯୋଗ ହୋଇସାରିଛି, ପ୍ରତ୍ୟେକ ବିଭାଗର ବିନିଯୋଗ କେତେ ଶତାଂଶ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ମୁଦ୍ରାସ୍ଫିତି ଓ ବଜାର ମୂଲ୍ୟକୁ ଭିତ୍ତିକରି ସରକାର ଆୟ /ବ୍ୟୟର କେଉଁ ନୀତି ଆଗାମୀ ଦିନପାଇଁ ଅବଲମ୍ବନ କରିବେ; ରାଜ୍ୟରେ କେଉଁ ପ୍ରକାର ପରିସ୍ଥିତିରେ ମୁଦ୍ରାସ୍ଫିତି ସୃଷ୍ଟିହୋଇଛି ତାହା ସରକାର କିପରି ଅବଲୋକନ କରୁଛନ୍ତି ଏବଂ ଏହାକୁ ରୋକିବାକୁ ବ୍ୟବସ୍ଥା କଣ ?

----

## କନ୍ଧମାଳ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଖାଲିଥିବା ପଦବୀ ପୂରଣ

***294 Shri Uma Charan Mallick (Phulbani):**

Will the Minister for **Health and Family Welfare** be pleased to state that:- କନ୍ଧମାଳ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାଗୁଡିକରେ କେଉଁ ବିଭାଗରେ କେତେଜଣ କର୍ମଚାରୀ ରହିବା କଥା, ବର୍ତ୍ତମାନ କେତେଜଣ ଅଛନ୍ତି ଏବଂ ଅବଶିଷ୍ଟ ଖାଲିଥିବା ପଦବୀ ଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ?

----

## ଶାଳନିଆଁ ଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା

***295 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକର ଥାନା ଓ ଫାଣ୍ଡି ଗୁଡିକରେ ଆବଶ୍ୟକୀୟ ପୁଲିସ କର୍ମଚାରୀ ନଥିବାରୁ ଅନେକ ସମୟରେ ଆଇନ ଶୃଙ୍ଖଳା ସମସ୍ୟା ଉପୁଜୁଛି ; ସୁତରାଂ କର୍ମଚାରୀ ଓ ଅଧିକାରୀ ନିଯୁକ୍ତି କ୍ଷେତ୍ରରେ ସରକାର ପଦକ୍ଷେପ ନେବାସହ ଶାଳନିଆଁ ଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଠିକ୍ ସମୟରେ ପାଉଣା ଦେବା

***296 ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଭିନ୍ନ ବିଭାଗର କାର୍ଯ୍ୟ ଠିକାଦାରଙ୍କ ଦ୍ୱାରା କରାଯାଉଥିଲେ ମଧ୍ୟ ସେମାନଙ୍କ ପାଉଣାକୁ ପଇଠ କରିବା ଦିଗରେ ତୁରନ୍ତ ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ଭଞ୍ଜନଗର ସବ ଡ଼ିଭିଜନ ହସ୍ପିଟାଲକୁ ଜିଲ୍ଲା ହସ୍ପିଟାଲ ମାନ୍ୟତା

***297 ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଞ୍ଜନଗର ସବ-ଡ଼ିଭିଜନରେ ଥିବା ହସ୍ପିଟାଲକୁ ଜିଲ୍ଲା ହସ୍ପିଟାଲର ମାନ୍ୟତା ଥିବା ସମସ୍ତ ମାନଦଣ୍ଡକୁ ପୂରଣ କରୁଥିବାରୁ ଏହାକୁ ଜିଲ୍ଲା ହସ୍ପିଟାଲ ଘୋଷଣା କରିବା ସହିତ ସମସ୍ତ ଆନୁସଙ୍ଗିକ ସୁବିଧା ଯୋଗାଇବାକୁ ପଦକ୍ଷେପ ନେବେ କି ?

----

## ଆସିକାଠାରେ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ ସ୍ଥାପନ

***298 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆସିକା ଜନବହୁଳ ଓ ଜିଲ୍ଲାର କେନ୍ଦ୍ରୀୟ ସ୍ଥଳ ହେବାରୁ ବାରମ୍ବାର ଅପରାଧିମାନେ ବିଭିନ୍ନ ଅପରାଧ କରି ଚାଲିଆସୁଛନ୍ତି, ଅପରାଧି ନିୟନ୍ତ୍ରଣ କରିବା ପାଇଁ ଅଧିକ ସଂଖ୍ୟକ ପୋଲିସ ଷ୍ଟାଫ ମୁତୟନ କରିବା ସଙ୍ଗେ ସଙ୍ଗେ ଏକ ଅତିରିକ୍ତ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ବହୁବାର ଜନସାଧାରଣଙ୍କ ଦାବୀ ହେଉଅଛି, ଏଣୁ ସରକାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଏକ ଅତିରିକ୍ତ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ (Additional Superintend of Police ASKA) ଅବସ୍ଥାପନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପେନସନ୍ ଗ୍ରହୀତାଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା

***299** **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ପେନସନ୍ ଗ୍ରହୀତାମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା ସହିତ ସେମାନଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

**Contractual Employees working in Govt. Blood Bank**

***300** **Shri Sagar Charan Das (Bhawanipatna):**

Will the Minister for **Health and Family Welfare** be pleased to state that:- Nearly 150-200 contractual employees working for over 30 years across 56 government blood banks-who were selected through district-level managing committees and paid from user fees-have not yet been regularised, despite the State taking over blood banks as per notifications H&FW Dept. 26-09-2017 and 02-04-2019, and whether the Government will initiate a regularisation process in view of their long service and the essential nature of their duties?

----